DHARITRI

17th Aug, 2019

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

**ଜଟଣୀ,୧୬।୮(ଡି.ଏନ.ଏ.)**

ଜଟଣୀସ୍ଥିତ ରେଲୱେ ଷ୍ଟାଡିୟମ୍‌ରେ ଗୁରୁବାର ଖୋର୍ଦ୍ଧାରୋଡ଼ ରେଳ ଡିଭିଜନସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂ ଜାତୀୟ ପତାକା ଉତ୍ତୋଳନ କରିବା ସହ ଆର୍‌ପିଏଫ୍, ସିଭିଲଡିଫେନ୍ସ, ଏନ୍‌ସିସି, ସ୍କାଉଟ୍‌ଗାଇଡ୍ ଓ ଛାତ୍ରୀଛାତ୍ରଙ୍କ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧାରୋଡ ମହିଳା କଲ୍ୟାଣ ସଙ୍ଗଠନ ପକ୍ଷରୁ ଏହାର ସଭାନେତ୍ରୀ ପୂର୍ଣ୍ଣିମା ସିଂ ଓ ଅନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ଏଥିରେ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ମାନିତ କରିଥିଲେ। ସେହିପରି ଏଠାରେ ଥିବା ନାଇଜର ପରିସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ରେଜିଷ୍ଟ୍ରାର ଅଭୟ କୁମାର ନାୟକ, କର୍ମଚାରୀ, ବିଦ୍ୟାର୍ଥୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ନାଇଜର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଠାରେ ଥିବା ଆଇଆଇଟି ପରିସରରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଗରିବ ଲୋକଙ୍କୁ ଛତା ବଣ୍ଟନ କରାଯାଇଥିଲା। ଏହାଛଡ଼ା ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ, ବରିଷ୍ଠ ନାଗରିକ ମଞ୍ଚ, ଜଟଣୀ ସାହିତ୍ୟ ସଂସଦ, ଜଟଣୀ ଅଟୋ ରିକ୍ସା ଆସୋସିଏଶନ୍, ବ୍ଲକ, ମ୍ୟୁନିସିପାଲିଟି, ତହସିଲ କାର୍ଯ୍ୟାଳୟ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ସଙ୍ଗଠନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।



କୃଷ୍ଣପ୍ରସାଦରେ ସ୍ୱାଧୀନତା ଦିବସ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.)–** ଟାଙ୍ଗୀ ବ୍ଲକସ୍ଥିତ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଜୟ କୁମାର ଜେନା ଓ ବିଭାଗୀୟ କାର୍ଯ୍ୟାଳୟରେ ନ୍ୟାୟାଧିକାରୀ ଶାଶ୍ୱତୀ ମହାପାତ୍ର, ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ, ତହସିଲଦାର ସୁନାଶିର କିଷାନ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସେହିପରି କୁହୁଡି ଜନତା କଲେଜରେ ଡ. ଚନ୍ଦ୍ରଶେଖର ଦାଶ, ବଳରାମଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ମାନସୀ ପରିଡ଼ା, ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବାସିନୀ ଦେଈ, ବନାଞ୍ଚଳ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ଅଜୟ କୁମାର ଜଗଦେବ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା, ଜିତେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ କଳିଙ୍ଗ ବୈଶ୍ୟ ମହିଳା ମହାସଂଘରେ ଡା. ମଧୁସୂଦନ ସେନାପତି, ସାଫ୍ରନ ପବ୍ଲିକ ସ୍କୁଲରେ ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

**ବୋଲଗଡ଼(ଡି.ଏନ.ଏ.)–** ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।ବାମନ ଉଚ୍ଚ ବିଦ୍ୟାଳୟରେ ବିଧାୟକ ରାଜେନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ରାଜସୁନାଖଳା ପ୍ରେସ କ୍ଲବ, ବାଙ୍କୋଇ ଉଚ୍ଚ ବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଥାନା , ନାରୟଣ ସେବା ସଂଘ, ଗୋପବନ୍ଧୁ ଛକ, ମଟର ଆସୋସିଏଶନ, ତହସିଲ କାର୍ଯ୍ୟାଳୟ, ବାଙ୍କୋଇ ଫାଣ୍ଡି, ସ୍ୱାସ୍ଥ୍ୟକେନ୍ଦ୍ର, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଣ୍ଟର, ରାଜସୁନାଖଳା ବେସରକାରୀ ବସ୍ ମାଲିକ ସଂଘ, ଅଟୋ ଆସୋସିଏଶନ, ଅଟୋ ସଂଘ ତଥା ୧୯ ପଞ୍ଚାୟତ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରାଯାଇଥିଲା।

**କୃଷ୍ଣପ୍ରସାଦ,(ଡି.ଏନ.ଏ.)–** କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ପରିସରରେ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ ପତାକା ଉତ୍ତୋଳନ କରିଥିବାବେଳେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ, ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ଅଭିମନ୍ୟୁ ମାଝି ପତାକା ଉତ୍ତୋଳନ କରିଥିଲେ। ସରପଞ୍ଚ ସଞ୍ଜୁଲତା ଜେନା, ତହସିଲଦାର ଜିତେନ୍ଦ୍ର କୁମାର ନାୟକ, ଆଇଆଇସି ସୁଧୀର କୁମାର ସାହୁ, ବନାଞ୍ଚଳ ଅଧିକାରୀ ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ମାଲୁଦସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ପରିସରରେ ସାମାଜିକ କର୍ମୀ ଟୁନା ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କେଳୁ ଚରଣ ଜେନା, ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚିଲିକା ନୂଆପଡ଼ାରେ ସରପଞ୍ଚ ମମତାମୟୀ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ।



ାଇଛି । ଆଇଆଇଟି ପରିସରରେ ପତାକା ଉତ୍ତୋଳନ ।